# ସତ୍ୟବାକ୍ୟ

# THE WORD OF TRUTH

**SEPTEMBER & OCTOBER 2014**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

**Edited & Published By**

**Joshua & Kabita Gootam.**

# CHURCH OF CHRIST

**P.O. Box. No. 80, Kakinada**

**A.P. - 533 001.**

**Ph : 0884 - 2363722**

**Vol.19.Sep & Oct- 2014. No-5**

**Published Bi monthly in Oriya language for the Restoration of pure New Testament Christianity**

## *Jesus Master of All*

**In chemistry,** He turned water to wine (John 2:1-11)

**In biology,** He was born without the normal conception (Matthew 1:18-25).

**In Physics,** He overcame the law of gravity when He walked

Acts 19-11).

**In economics,** He disproved the law of diminishing return

bread (John 6:10-11).

**In medicine,** He cured the sick and the blind without

11:37).

**In history,** He is the beginning and the end (Revelation 1:11).

**In government,** He is King of kings (1 Timothy 6:15).

**In religion,** no one comes to the Father except through Him (John 14:6).

# ସତ୍ୟବାଣୀ
# VOICE OF TRUTH

**VOL - XIX   KAKINADA   SEP-OCT-2014**

## ପିତା ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଁ
### (Thanking God, the father)

"ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ।" (କଲସୀ ୩:୧୭)

"କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ।" (ଫିଲିପ ୪:୬)

"ସବୁ ଅବସ୍ଥାରେ ଧନ୍ୟବାଦ ଦିଅ, କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଏହା ଈଶ୍ୱରଙ୍କ ଅଭିମତ।" (୧ମ ଥେସ ୫:୧୮)

**ପ୍ରଭୁଯୀଶୁଙ୍କ ଦ୍ୱାରା ପିତା ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉ :-**

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରାର୍ଥନା ପିତା ପରମେଶ୍ୱରଙ୍କ ନିକଟକୁ ଘେନିଯିବେ ବୋଲି ପ୍ରତିଜ୍ଞା କରିଅଛନ୍ତି। ଆମ୍ଭମାନଙ୍କ ବିନତି ଓ ଧନ୍ୟବାଦ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। (ଯୋହନ ୧୫:୧୬) ଆମ୍ଭେମାନେ ଅନୁଗ୍ରହ ସିଂହାସନର ନିକଟବର୍ତ୍ତୀ ହୋଇ, ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ତାହାଙ୍କୁ ପ୍ରଶଂସା ଧନ୍ୟବାଦ ଦେଉଁ।

ସମସ୍ତ ଅବସ୍ଥାରେ ଧନ୍ୟବାଦ ଦେଉଁ :-

ଏହା ସଦାପ୍ରଭୁ ପରମେଶ୍ୱର ଆପଣା ସନ୍ତାନମାନଙ୍କ ବିଷୟରେ ଅଭିମତ।

**ସଦାସର୍ବଦା ସଦାପ୍ରଭୁଙ୍କୁ ଧନ୍ୟବାଦ ଦେବାର କେତୋଟି କାରଣ :-**

୧)  ସେ ଆମ୍ଭମାନଙ୍କୁ ସୃଷ୍ଟି କରିଥିବାରୁ ତାହାଙ୍କୁ ଧନ୍ୟବାଦ ଦେଉ । ସେ ପୃଥିବୀର ଧୂଳିରୁ ପ୍ରଥମ ମନୁଷ୍ୟଙ୍କୁ ନିର୍ମାଣ କଲେ ହେଁ, ସେ ତାହାଙ୍କ ପ୍ରତିମୂର୍ତ୍ତି (Image) ଆମ୍ଭମାନଙ୍କୁ ସୃଷ୍ଟି କରି ଅଛନ୍ତି । ଆମ୍ଭେମାନେ କି ତାହାଙ୍କ ପ୍ରତିମୂର୍ତ୍ତି ଭାବେ ଜୀବନଯାପନ କରୁଅଛୁ ?

୨)  ଯୀଶୁଖ୍ରୀଷ୍ଟଙ୍କୁ ଦାନ ରୂପେ ଆମ୍ଭମାନଙ୍କ ନିମନ୍ତେ ପ୍ରେରଣ କରିଥିବା ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଁ । ସେ ଆମ୍ଭମାନଙ୍କ ବଦଳେ ମୃତ୍ୟୁବରଣ କରିଥିଲେ । ସେ ଆମ୍ଭମାନଙ୍କ ପ୍ରାଣର ପ୍ରତିଫଳ ବହନ କଲେ । ଆମ୍ଭେମାନେ କି ପ୍ରତି ପ୍ରଭୁଦିନରେ ପ୍ରଭୁଙ୍କ ଶରୀର ଓ ରକ୍ତ ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ?

୩)  ତାହାଙ୍କ ରକ୍ତ ଦ୍ୱାରା କ୍ରୀତ ମଣ୍ଡଳୀ ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦେଉଁ । ଯୀଶୁଖ୍ରୀଷ୍ଟ ଆପଣା ମଣ୍ଡଳୀ ଆପଣା ରକ୍ତ ଦ୍ୱାରା ସ୍ଥାପିତ କରିଅଛନ୍ତି । ସେ ମଣ୍ଡଳୀ ରୂପ ଶରୀର ମସ୍ତକ ସ୍ୱରୂପ ସ୍ଥାପିତ କରିଅଛନ୍ତି । ମଣ୍ଡଳୀ ''ଆହ୍ୱାନପ୍ରାପ୍ତ'' (Called out) ଖ୍ରୀଷ୍ଟିୟାନମାନଙ୍କ ଦ୍ୱାରା ଗଠିତ । ଖ୍ରୀଷ୍ଟ, ଆପଣା ବଧୂ ରୂପ ମଣ୍ଡଳୀକୁ ପ୍ରେମ କରନ୍ତି । ଆପଣ କି ମଣ୍ଡଳୀକୁ ପ୍ରେମ କରୁଅଛନ୍ତି ? ଖ୍ରୀଷ୍ଟ ଆପଣା ମଣ୍ଡଳୀର ଯତ୍ନ ନିଅନ୍ତି ଓ ଭରଣପୋଷଣ କରନ୍ତି । ଆପଣ କି ଖ୍ରୀଷ୍ଟଙ୍କ ମଣ୍ଡଳୀର ଯତ୍ନ ନେଉଅଛନ୍ତି ?

୪)  ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ''ବାଇବଲ'' ନିମନ୍ତେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉ । ବାଇବଲ ଆମ୍ଭମାନଙ୍କୁ ପରିତ୍ରାଣର ମାର୍ଗ ଆମ୍ଭମାନଙ୍କୁ ଜଣାଏ । ଏହି ମୂଲ୍ୟବାନ ପୁସ୍ତକ ଆମ୍ଭମାନଙ୍କ ''ଚରଣ ପାଇଁ ପ୍ରଦୀପ ଓ ପଥ ପାଇଁ ଆଲୁଅ'' (ଗୀତ ୧୧୯:୧୦୫) । ଆପଣ କି ଏହି ବାକ୍ୟ ପ୍ରତିଦିନ ଅଧ୍ୟୟନ କରୁଅଛନ୍ତି ?

୫)  ଆମ୍ଭମାନଙ୍କ ଭୌତିକ ପରିବାର ନିମନ୍ତେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉ । ଧାର୍ମିକ ପିତାମାତା, ଭାର୍ଯ୍ୟା/ସ୍ତ୍ରୀ, ସନ୍ତାନସନ୍ତତିମାନଙ୍କ ନିମନ୍ତେ ଧନ୍ୟବାଦ ଦେଉ । ଆମ୍ଭମାନଙ୍କ ପିତାମାତା, ସନ୍ତାନସନ୍ତତି ପରମେଶ୍ୱରଙ୍କ ଦାନ । ଆସ, ଆମ୍ଭେମାନେ ପ୍ରତିଦିନ ତାହାଙ୍କ ବିଷୟରେ ଆପଣା ସନ୍ତାନସନ୍ତତିମାନଙ୍କୁ ଶିକ୍ଷା ଦେଉ ।

୬)  ତାହାଙ୍କ ଅପାର ଭୌତିକ ଆଶୀର୍ବାଦ ନିମନ୍ତେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦେଉ । ଯଥେଷ୍ଟ ଖାଦ୍ୟ, ଭୂଷଣ, ଗୃହ ଓ ଜୀବିକା ନିର୍ବାହ କରିବା ନିମନ୍ତେ ଦେଇଥିବା ଚାକିରୀ ପାଇ ସଦାପ୍ରଭୁଙ୍କୁ ଧନ୍ୟବାଦ ଦେଉ । ପୃଥିବୀର ପ୍ରତ୍ୟେକ ଜାତିମାନଙ୍କ ଠାରୁ

ଅଧିକ ଭାବେ ଆମ୍ଭେମାନେ ଆଶୀର୍ବାଦ ପ୍ରାପ୍ତ ହୋଇଅଛୁ । ତାହା କି ଆମ୍ଭେମାନେ ପରମେଶ୍ୱରଙ୍କ ସେବାରେ ବିନିଯୋଗ କରୁଅଛୁ ? ଏପରି ଜୀବନ ହିଁ କୃତଜ୍ଞତାର ଜୀବନ । ଆସ, ଆମ୍ଭେମାନେ ବାକ୍ୟରେ ଓ କାର୍ଯ୍ୟରେ ସଦାପ୍ରଭୁଙ୍କ ଠାରେ କୃତଜ୍ଞତାପୂର୍ଣ୍ଣ ଜୀବନଯାପନ କରୁ ।

**- *Loy Mitchell***

❋ ❋ ❋

# ମାଗ, ଖୋଜ ଓ ଦ୍ୱାରରେ ମାର
## (Ask, Seek and Knock)

''ମାଗ - ସେଥିରେ ତୁମ୍ଭମାନଙ୍କୁ ଦିଆଯିବ, ଖୋଜ - ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର - ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେକେହି ମାଗେ, ସେ ପାଏ, ଯେ ଖୋଜେ, ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ କିମ୍ଭା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି ଯେ, ନିଜ ପୁଅ ରୋଟୀ ମାଗିଲେ ତାହାକୁ ପଥର ଦେବ, କିଅବା ମାଛ ମାଗିଲେ ତାହାକୁ ସାପ ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ ।'' (ମାଥିଉ ୭:୭-୧୧)

ସ୍ୱର୍ଗୀୟ ପିତାଙ୍କ ସାହାଯ୍ୟ ବିନା ଆମ୍ଭେମାନେ ଏକ ଦିନ ମଧ୍ୟ ବିତାଇ ନ ପାରୁ । ଆମ୍ଭମାନଙ୍କ ଆବଶ୍ୟକତା ବିଷୟରେ ଆମ୍ଭମାନଙ୍କ ଠାରୁ ଅଧିକ ଭାବେ, ସେ ଜ୍ଞାତ ଅଟନ୍ତି । ପ୍ରତିଦିନ ଆମ୍ଭେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉ । ଅସୁସ୍ଥତା, ଅଭାବ, ପାରିବାରିକ ଜୀବନରେ ଅସନ୍ତୋଷ, ଆତ୍ମିକତା ଅବନତି ପ୍ରଭୃତି ସମସ୍ୟା ଆମ୍ଭମାନଙ୍କୁ ଘେରି ରଖିଅଛି । ଅନେକ ସମସ୍ୟା ଆମ୍ଭମାନଙ୍କ ଶକ୍ତିର ବାହାରେ । କିନ୍ତୁ ଯୀଶୁ କହନ୍ତି, ସ୍ୱର୍ଗୀୟ ସର୍ବଶକ୍ତିମାନ ପ୍ରେମମୟ ପିତା ଆମ୍ଭମାନଙ୍କୁ ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବା ନିମନ୍ତେ ସମର୍ଥ ଅଟନ୍ତି । ଆମ୍ଭେମାନେ ତାହାଙ୍କ ଠାରେ ମାଗୁ, ତାହାଙ୍କୁ ସର୍ବାନ୍ତକରଣରେ ଖୋଜୁ ଓ ତାହାଙ୍କ ଦ୍ୱାରରେ ମାରୁ, ସେ ଆମ୍ଭମାନଙ୍କ ଉତ୍ତର ଦେବେ ।

ପରମେଶ୍ୱର ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବେ । ଆମ୍ଭମାନଙ୍କ ଆବଶ୍ୟକତା ବିଷୟରେ, ଆମ୍ଭମାନଙ୍କ ଠାରୁ ସେ ଅଧିକ ଭାବେ ଜାଣନ୍ତି, ଅସମ୍ଭବ ବିଷୟଗୁଡ଼ିକ ତାହାଙ୍କୁ ମାଗିବାରେ ପାଇବା ଓ ଖୋଜିବା ବିଷୟ ପ୍ରାପ୍ତ ହେବା ଏବଂ ଦ୍ୱାରରେ ମାରିଲେ ସହାୟ, ରକ୍ଷଣା ଓ ନିରାପତ୍ତାର ଦ୍ୱାର ଖୋଲାଯିବା କେତେ ଆଶ୍ୱାସନାର ବିଷୟ ! ଆମ୍ଭମାନଙ୍କ ସମସ୍ୟାର ସମାଧାନ ପରମେଶ୍ୱର କିପରି କରନ୍ତି ଆମ୍ଭେମାନେ ଜ୍ଞାତ ନୋହିଲେ ବି, ସେ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତି । କେତେ ଆଶୀର୍ବାଦ ଦାୟକ ବିଷୟ ! ପରମେଶ୍ୱରଙ୍କ ଆପଣାମାନଙ୍କ ପ୍ରତି ପ୍ରେମ ଆମ୍ଭମାନଙ୍କ ଆଲୋଚନାର ଅତୀବ ।

ଆପଣ କି ପରମେଶ୍ୱରଙ୍କ ସନ୍ତାନ ? ଆପଣା ଆପଦମୟ ସମୟରେ ତାହାଙ୍କ ଠାରେ, ମାଗ, ଖୋଜ ଓ ଦ୍ୱାରରେ ମାର । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ସନ୍ତାନ ହେବାକୁ ଅଧିକାର ପାଇଅଛୁ । ପରମେଶ୍ୱରଙ୍କ ନିକଟକୁ ଯିବାର ମାର୍ଗ:- ବିଶ୍ୱାସ, ମନ ପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିଜିତ ହୋଇ ବିଶ୍ୱସ୍ତ ଜୀବନଯାପନ କରିବା । ମାଗିଲେ ଆଶୀର୍ବାଦ ପାଇବାର ସୁଯୋଗ ଆମ୍ଭେମାନେ କାହିଁକି ଉପେକ୍ଷା କରିବା ?

**- *Wayne Barrier***

❋ ❋ ❋

## ଅଟଳ ରାଜ୍ୟ (Heb 12:28)

### (A Kingdom which cannot be moved)

ଏବ୍ରୀ ପୁସ୍ତକକର୍ତ୍ତା ଏକ ଅଟଳ ରାଜ୍ୟ ବିଷୟରେ ଏଠାରେ ଉପସ୍ଥାପନା କରିଅଛନ୍ତି । ଏହି ଅଟଳ ରାଜ୍ୟର ରାଜା କିଏ ? ରୋମୀୟ ସାମ୍ରାଜ୍ୟର ବନ୍ଧନରେ ଥିବା ଯିହୂଦୀ ପ୍ରଜାମାନେ ଏକ ମଶୀୟଙ୍କ ଅପେକ୍ଷାରେ ଥିଲେ । ମଶୀହ, ଯିହୂଦୀମାନଙ୍କ ରାଜା, ସେମାନଙ୍କୁ ରୋମୀୟ ଦାସତ୍ୱରୁ ମୁକ୍ତ କରିବେ ବୋଲି ସେମାନେ ଅପେକ୍ଷା କରୁଥିଲେ । (ପ୍ରେରିତ ୧:୬) ସୈନ୍ୟାଧିପତି ସଦାପ୍ରଭୁଙ୍କ ସାନ୍ନିଧ୍ୟରେ ଛିଡ଼ା ହେଉଥିବା ପ୍ରଧାନ ଦୂତ ଗାବ୍ରୀୟେଲ, ନାଜରିତର କନ୍ୟା ମରିୟମଙ୍କୁ କହିଲେ, ‘‘ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ । ସେ ମହାନ ହେବେ ଓ ପରାତ୍ପରଙ୍କ ପୁତ୍ର ବୋଲି ଖ୍ୟାତ ହେବେ, ପ୍ରଭୁ ଈଶ୍ୱର ତାହାଙ୍କୁ

ତାହାଙ୍କ ପିତା ଦାଉଦଙ୍କ ସିଂହାସନ ଦାନ କରିବେ, ସେ ଯାକୁବ ବଂଶ ଉପରେ ଯୁଗେ ଯୁଗେ ରାଜତ୍ୱ କରିବେ, ତାହାଙ୍କ ରାଜ୍ୟର ଶେଷ ହେବ ନାହିଁ । (ଲୂକ ୧:୩୧-୩୩, ଦାନିୟେଲ ୭:୧୩-୪) । ପୂର୍ବଦେଶୀୟ ପଣ୍ଡିତମାନେ ଆକାଶରେ ନକ୍ଷତ୍ର ଦେଖି, ତାହାଙ୍କ ଶାସ୍ତ୍ରାନୁଯାୟୀ ଯିହୂଦୀମାନଙ୍କ ରାଜା ଜନ୍ମଗ୍ରହଣ କରିବେ ବୋଲି ଜ୍ଞାତ ହେଲେ । ସେମାନେ ହେରୋଦ ରାଜାଙ୍କ ନିକଟକୁ ଆସି କହିଲେ, "....ଯିହୂଦୀମାଙ୍କର ଯେଉଁ ରାଜା ଜନ୍ମଗ୍ରହଣ କରିଅଛନ୍ତି ସେ କେଉଁଠାରେ ? କାରଣ ଆମ୍ଭେମାନେ ପୂର୍ବଦେଶରେ ତାହାଙ୍କ ତାରା ଦେଖି ତାହାଙ୍କୁ ପ୍ରଣାମ କରିବାକୁ ଆସିଅଛୁ ।" (ମାଥିଉ ୨:୧,୨)

ଯୀଶୁ ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟ ସ୍ତ୍ରୀ ଓ ବାଳକବାଳିକାମାନଙ୍କୁ ପାଞ୍ଚରୋଟୀ ଓ ଦୁଇ ମାଛ ଦ୍ୱାରା ପରିବେଷଣ କରିଥିଲେ । "ତେଣୁ ଲୋକମାନେ ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଦେଖି କହିବାକୁ ଲାଗିଲେ, ଜଗତକୁ ଯେଉଁ ଭାବବାଦୀଙ୍କର ଆସିବାର ଥିଲା, ଏ ନିଶ୍ଚୟ ସେହି । ଅତଏବ, ସେମାନେ ଆସି ରାଜା କରିବା ନିମନ୍ତେ, ତାହାଙ୍କୁ ବଳପୂର୍ବକ ଧରିବାକୁ ଉଦ୍ୟତ ଅଟନ୍ତି...." (ଯୋହନ ୬:୧୪-୧୫)

ଯୀଶୁଖ୍ରୀଷ୍ଟ ଆପଣାର ଏକ ଶିଷ୍ୟ ଦ୍ୱାରା ପ୍ରତାରିତ ହୋଇ ପିଲାତ ସମ୍ମୁଖରେ ଏକ ଅପରାଧୀ ରୂପେ ଛିଡ଼ା ହେଲେ, "......ଶାସନକର୍ତ୍ତା ତାହାଙ୍କୁ ପଚାରିଲେ, ତୁମ୍ଭେ କି ଯିହୂଦୀମାନଙ୍କ ରାଜା ? ଯୀଶୁ କହିଲେ, ଆପଣ କହୁଅଛନ୍ତି ?" (ମାଥିଉ ୨୭:୧୧, ମାର୍କ ୧୫:୨-୫, ଯୋହନ ୧୮:୩୭) ଏହି ରାଜାଙ୍କ ବିଷୟରେ ପ୍ରେରିତ ପାଉଲ ଯିହୂଦୀ ଓ ଅଣ ଯିହୂଦୀମାନଙ୍କ ମଧ୍ୟରେ ପ୍ରଚାର କରିଥିଲେ । (ପ୍ରେରିତ ୧୭:୭) । ତାହାଙ୍କ ବିଷୟରେ ଯୁବକ ତୀମଥିଙ୍କୁ ସେ କହିଲେ, "ସେ....ପରମଧନ୍ୟ ଏକମାତ୍ର ସମ୍ରାଟ, ଯେ ରାଜାମାନଙ୍କର ରାଜା ଓ ପ୍ରଭୁ ମାନଙ୍କର ପ୍ରଭୁ ।" (୧ମ ତୀମଥି ୬:୧୫) । "ଯୀଶୁ ପୃଥିବୀର ରାଜାମାନଙ୍କ ରାଜା" ଓ "ପ୍ରଭୁ ମାନଙ୍କର ପ୍ରଭୁ" ଅଟନ୍ତି । (ପ୍ରକା ବାକ୍ୟ ୧:୫ ଓ ୧୭:୧୪, ୧୯:୧୬)

ରାଜାମାନଙ୍କ ରାଜା ଓ ପ୍ରଭୁମାନଙ୍କ ପ୍ରଭୁ ବର୍ତ୍ତମାନ ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ ହୋଇଅଛନ୍ତି । ଯୀଶୁଖ୍ରୀଷ୍ଟଙ୍କୁ ଏବ୍ରୀ ପୁସ୍ତକ କର୍ତ୍ତା ବର୍ଣ୍ଣନା କରି କହନ୍ତି, "ସେ ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି ପାପ ମାର୍ଜ୍ଜନା କ୍ରିୟା

ଉତ୍ତାରେ ଉର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି ।'' (ଏବ୍ରୀ ୧ :୩) । ପ୍ରେରିତ ଯୋହନଙ୍କ ଯୀଶୁଖ୍ରୀଷ୍ଟ ଦର୍ଶନରେ କହିଲେ, ''ଆମ୍ଭେ ଯେପରି ଜୟ କରି ଆମ୍ଭର ପିତାଙ୍କ ସହିତ ତାହାଙ୍କ ସିଂହାସନରେ ବସିଅଛୁ, ସେପରି ଯେ ଜୟ କରେ, ଆମ୍ଭେ ତାହାଙ୍କୁ ଆମ୍ଭ ସହିତ ଆମ୍ଭ ସହିତ ଆମ୍ଭର ସିଂହାସନରେ ବସିବାକୁ ଦେବୁ ।'' (ପ୍ରଃବା ୩: ୨ ୧ ) । ଏଫିସୀ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, ''ସେହି ଶକ୍ତି ସେ ଖ୍ରୀଷ୍ଟଙ୍କ ଠାରେ ସାଧନ କରି ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ସମସ୍ତ ଆଧିପତ୍ୟ, କର୍ତ୍ତାପଣ, ଶକ୍ତି, ପ୍ରଭୁତ୍ୱ, ପୁଣି ଇହକାଳ ଓ ମଧ୍ୟ ପରକାଳରେ ଯେତେ ନାମ ଖ୍ୟାତ, ସେ ସମସ୍ତଙ୍କ ଉପରେ ତାହାଙ୍କୁ ଉନ୍ନତ କରାଇ, ସ୍ୱର୍ଗରେ ଆପଣା ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରାଇଲେ,.....'' (ଏଫିସୀ ୧ : ୨ ୦ , ୨ ୧ ) । ଯିହୂଦୀୟ ମହାସମାଜଙ୍କ ପ୍ରସ୍ତରାଘାତରେ ଭକ୍ତ ସ୍ତିଫାନଙ୍କ ମରଣର ଘଟଣା ଆମ୍ଭେମାନେ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକର ୭ମ ଅଧ୍ୟାୟରେ ପଢ଼ିଥାଉଁ । ତାହାଙ୍କ ପ୍ରସଙ୍ଗ ଶୁଣିବା ପରେ.....ସେମାନେ ମର୍ମାହତ ହେଲେ, ପୁଣି ତାଙ୍କ ପ୍ରତି ଦାନ୍ତ କଡ଼ମଡ଼ କରିବାକୁ ଲାଗିଲେ, କିନ୍ତୁ ସେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ସ୍ୱର୍ଗ ପ୍ରତି ସ୍ଥିର ଦୃଷ୍ଟିରେ ଚାହିଁଲେ, ଆଉ ଈଶ୍ୱରଙ୍କ ମହିମା ଓ ଯୀଶୁଙ୍କୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖି କହିଲେ, ଦେଖନ୍ତୁ, ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଓ ମନୁଷ୍ୟ ପୁତ୍ରଙ୍କୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖୁଅଛି ।'' (ପ୍ରେରିତ ୭:୩୪-୫୫) । ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ସିଂହାସନରେ ଉପବିଷ୍ଟ ଯୀଶୁଖ୍ରୀଷ୍ଟ, ଆପଣା ଶିଷ୍ୟଙ୍କୁ ଆପଣା ନିକଟକୁ ଆହ୍ୱାନ ଜଣାଇବା ନିମନ୍ତେ ଗୌରବର ସହ ଠିଆ ହୋଇ ଆହ୍ୱାନ ଜଣାଇଥିଲେ । ଆମ୍ଭମାନଙ୍କ ମୃତ୍ୟୁ ପରେ, ଆମ୍ଭମାନଙ୍କ ଆତ୍ମାଙ୍କୁ ଯୀଶୁଖ୍ରୀଷ୍ଟ କିପରି ଭାବେ ଆହ୍ୱାନ ଜଣାଇବେ ?

ପ୍ରଭୁମାନଙ୍କ ପ୍ରଭୁ, ରାଜାମାନଙ୍କ ରାଜା ଆପଣା ରାଜ୍ୟ ଏହି ଜଗତରେ ସ୍ଥାପନ କରିଅଛି । ତାହାଙ୍କ ଏହି ରାଜ୍ୟ ବିଷୟରେ ଭାବବାଦୀ ଦାନିୟେଲ ଖ୍ରୀ:ପୂ: ୬୦୦ରେ ଭାବବାଣୀ ପ୍ରକଟ କରି କହିଥିଲେ, ''ପୁଣି, ସେହି ରାଜଗଣର ସମୟରେ ସ୍ୱର୍ଗସ୍ଥ ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ କରିବେ, ତାହାଙ୍କ କଦାଚ ବିନଷ୍ଟ ହେବ ନାହିଁ, କିଅବା ତହିଁର ଆଧିପତ୍ୟ ଅନ୍ୟ ଗୋଷ୍ଠୀର ହସ୍ତରେ ଛଡ଼ା ଯିବ ନାହିଁ, ମାତ୍ର

ତାହା ଏହିସବୁ ରାଜ୍ୟକୁ ଖଣ୍ଡ ଖଣ୍ଡ କରି ଆପେ ଚିରସ୍ଥାୟୀ ହେବ ।'' (ଦାନିୟେଲ ୨:୪୪) । ଅନୁଗ୍ରହର ଯୁଗ କିଅବା ଖ୍ରୀଷ୍ଟିୟାନ ଯୁଗ ଦୁଇ ହଜାର ବର୍ଷ ପୂର୍ବେ ଖ୍ରୀଷ୍ଟଙ୍କ ମଣ୍ଡଳୀ ରୂପ ରାଜ୍ୟ ସ୍ଥାପନ ଦିନରେ ଅର୍ଥାତ୍ ଖ୍ରୀ:ଜ: ୩୩ ମସିହାରେ ପେଣ୍ଟିକଷ୍ଟ ଦିନରୁ ଆରମ୍ଭ ହୋଇଅଛି ।

ଯୀଶୁଖ୍ରୀଷ୍ଟଙ୍କ ଅଗ୍ରଗାମୀ ବାପ୍ତିଜକ ଯୋହନ ପ୍ରଚାର କରି କହିଥିଲେ,''....ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।'' (ମାଥିଉ ୩:୧) । ଯୀଶୁଖ୍ରୀଷ୍ଟ ସ୍ୱର୍ଗରାଜ୍ୟ ବିଷୟରେ ପ୍ରଚାର କରି କହିଲେ,''ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।'' (ମାଥିଉ ୪:୧୭,୨. ଲୂକ ୮:୧) । ଯୀଶୁଖ୍ରୀଷ୍ଟ ଆପଣା ନିମନ୍ତେ ବାରଜଣ ମନୋନୀତ କରି, ହଜିଯାଇଥିବା ଇସ୍ରାଏଲ ବଂଶ ନିକଟକୁ ପଠାଇ କହିଲେ, ''ପୁଣି, ଯାଉ ଯାଉ ସ୍ୱର୍ଗରାଜ୍ୟ ସନ୍ନିକଟ ଏହି କଥା କହି ଘୋଷଣା କର ।'' (ମାଥିଉ ୧୦:୭) । ବୀଜବପନକାରୀର ଦୃଷ୍ଟାନ୍ତରେ ଯୀଶୁ କହିଲେ,''ଯେକେହି ରାଜ୍ୟର ବାକ୍ୟ ଶୁଣି ନ ବୁଝେ,....'' (ମାଥିଉ ୧୩:୨୦) । ଏହି ଅଧ୍ୟାୟରେ ଈଶ୍ୱରଙ୍କ ରାଜ୍ୟସ୍ଥ ବିଷୟକ ଅନେକ ଉଦାହରଣ ଦେଇ, ସରଳ ଭାଷାରେ ଯୀଶୁଖ୍ରୀଷ୍ଟ ସ୍ୱର୍ଗରାଜ୍ୟ ବିଷୟ ଜ୍ଞାତ କରାନ୍ତି । ସେ କ୍ରୁଶୀୟ ମୃତ୍ୟୁଭୋଗୀ, ୪୦ ଦିନ ପର୍ଯ୍ୟନ୍ତ ଏହି ଜଗତରେ ଶରୀରଧାରୀ ହୋଇ ଜୀବନଯାପନ କରିବା ସମୟରେ ମଧ୍ୟ, ସେ ବାରମ୍ବାର ଶିଷ୍ୟମାନଙ୍କୁ ଦର୍ଶନ ଦେଇ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ବିଷୟଗୁଡ଼ିକ କହିଲେ,''ଈଶ୍ୱରଙ୍କ ରାଜ୍ୟ କେବେ ଆସୁଅଛି ଏ ବିଷୟରେ ଫାରୁଶୀମାନେ ତାହାଙ୍କୁ ପଚାରିବାରୁ, ସେ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱରଙ୍କ ରାଜ୍ୟ ଦୃଶ୍ୟଭାବେ ଦୃଶ୍ୟ ଆସେ ନାହିଁ କିମ୍ୱା ଦେଖ, ଏଠାରେ ବା ସେଠାରେ ବୋଲି ଲୋକେ କହିବେ ନାହିଁ, କାରଣ ଦେଖ, ଈଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ ମଧ୍ୟରେ ଅଛି । (ଲୂକ ୧୭:୨୦-୨୧) ଯୀଶୁଖ୍ରୀଷ୍ଟ ପ୍ରଥମେ ଈଶ୍ୱରଙ୍କ ଧାର୍ମିକତା ଓ ତାହାଙ୍କ ରାଜ୍ୟ ଅନ୍ୱେଷଣ କରିବା ନିମନ୍ତେ ଆଜ୍ଞା ଦିଅନ୍ତି । (ମାଥିଉ ୬:୩୩) । ''ହେ ସାନ ପଲ, ଭୟ କରନାହିଁ, କାରଣ ତୁମ୍ଭମାନଙ୍କୁ ସେହି ରାଜ୍ୟ ଦେବା ନିମନ୍ତେ ତୁମ୍ଭମାନଙ୍କର ପିତାଙ୍କର ସନ୍ତୋଷ ।'' (ଲୂକ ୧୨:୩୧,୩. ୯:୬୨)

ପ୍ରଭୁ ଯୀଶୁଖ୍ରୀଷ୍ଟ ବାପ୍ତିଜକ ଯୋହନଙ୍କ ବିଷୟରେ କହିଥିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସ୍ତ୍ରୀ ଗର୍ଭଜାତ ସମସ୍ତଙ୍କ ମଧ୍ୟରେ ବାପ୍ତିଜକ ଯୋହନଙ୍କ ଠାରୁ ମହାନ୍ କେହି ଉତ୍ପନ୍ନ ହୋଇ ନାହାନ୍ତି, ତଥାପି ସ୍ୱର୍ଗରାଜ୍ୟରେ ଯେ କ୍ଷୁଦ୍ରତମ, ସେ ତାହାଙ୍କ ଠାରୁ ମହାନ୍ ।" (ମାଥିଉ ୧୧:୧୧) । ସ୍ୱର୍ଗରାଜ୍ୟ (ଅର୍ଥାତ୍ ମଣ୍ଡଳୀର) ସଭ୍ୟମାନେ ବାପ୍ତିଜକ ଯୋହନ ଠାରୁ ମହାନ୍, କାରଣ ତାହାଙ୍କ ମୃତ୍ୟୁ ପରେ ମଣ୍ଡଳୀ ସ୍ଥାପନ ହୋଇଥିଲା । "ପୁନଶ୍ଚ ସେ ସେମାନଙ୍କୁ କହିଲେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଈଶ୍ୱରଙ୍କ ରାଜ୍ୟକୁ ପରାକ୍ରମରେ ଉପସ୍ଥିତ ନ ଦେଖିବା ପର୍ଯ୍ୟନ୍ତ ଏଠାରେ ଠିଆ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାରେ ମୃତ୍ୟୁର ଆସ୍ୱାଦ ପାଇବେ ନାହିଁ ।" (ମାର୍କ ୯:୧) ସ୍ୱର୍ଗରାଜ୍ୟ ସ୍ଥାପିତ ହେବା ସମୟରେ ତାହାଙ୍କ ଶିଷ୍ୟମାନେ ଜୀବିତ ଥିଲେ, ଏହାର ବିବରଣ ଆମ୍ଭେମାନେ ପ୍ରେରିତ ୨ୟ ବିବରଣରେ ପଢ଼ିପାରୁ । (ପ୍ରେରିତ ୨)

ପ୍ରଭୁ ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ ଶିଖାଇବା ପ୍ରଭୁଙ୍କ ପ୍ରାର୍ଥନାରେ, "ତୁମ୍ଭର ରାଜ୍ୟ ଆସୁ" ବୋଲି ଶିଖାଇଥିଲେ । ଏହା ଖ୍ରୀ:ଜ: ୩୩ ମସିହାରେ ପେଣ୍ଟିକଷ୍ଟ ଦିନରେ ଆସିଥିବା ହୋଇଅଛି । ବାକ୍ୟ କହେ, "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି ।" (କଲସୀ ୧:୧୩) । ଯେଉଁମାନେ ଅନ୍ଧକାରର କ୍ଷମତାରୁ ମୁକ୍ତ ହୋଇଅଛନ୍ତି, ସେମାନେ ତାହାଙ୍କ ରାଜ୍ୟକୁ ସ୍ଥାନାନ୍ତର ହୋଇଅଛନ୍ତି । ".....ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ ।" (ପ୍ରେରିତ ୨:୪୭) । ବାପ୍ତିଜିତ ହେବା ଲୋକେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି ବୋଲି ଆମ୍ଭେମାନେ ମାଥିଉ ୨୮:୧୮ ଓ ମାର୍କ ୧୬:୧୬ ପଦରେ ପଢ଼ିପାରୁ ।

ପ୍ରକାଶିତ ବାକ୍ୟର ପୁସ୍ତକରେ ପ୍ରେରିତ ଯୋହନ ଆପଣା ବିଷୟରେ କହନ୍ତି, ତୁମ୍ଭମାନଙ୍କର ଭ୍ରାତା ଓ ଯୀଶୁଙ୍କ ସମ୍ବନ୍ଧୀୟ କ୍ଳେଶ, ରାଜ୍ୟ ଓ କ୍ଳେଶର ସହଭାଗୀ..." (୧:୯) ସେହି ସତ୍ୟ, ଚିରନ୍ତନ, ଅଟଳ ରାଜ୍ୟର ପ୍ରଜା ହେବା ନିମନ୍ତେ ପରମେଶ୍ୱର ଆମ୍ଭମାନଙ୍କୁ ସୁଯୋଗ ଦେଇଅଛନ୍ତି । ଏହି ରାଜ୍ୟରେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୋଇ ପ୍ରବେଶ କରିଥାଉଁ । ତେଣୁକରି ଏବ୍ରୀ ପୁସ୍ତକ ଲେଖକ କହନ୍ତି, "....ଅଟଳ ରାଜ୍ୟ

ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ। କାରଣ ଆମ୍ଭମାନଙ୍କ ଈଶ୍ୱର ଗ୍ରାସକାରୀ ଅଗ୍ନି ସ୍ୱରୂପ।" (ଏବ୍ରୀ ୧୨:୨୮-୨୯, ଯାତ୍ରା ୨୪:୧୭, ଦ୍ୱିଃବି ୪:୨୪)।

**- *Kabita Gootam***

❋ ❋ ❋

## "ସେ ମୃତ ହେଲେ ହେଁ ବିଶ୍ୱାସ ଦ୍ୱାରା ଆଜି ପର୍ଯ୍ୟନ୍ତ କଥା କହୁଅଛନ୍ତି।"

**(He is dead and yet He speaks)**

ବାଇବଲ ବିଶ୍ୱାସର ଯୋଦ୍ଧାର ଅଧ୍ୟାୟରେ ହେବଲଙ୍କ ବିଶ୍ୱାସ ବିଷୟରେ ଲେଖାଯାଏ। "ବିଶ୍ୱାସ ଦ୍ୱାରା ହେବଲ ଈଶ୍ୱରଙ୍କ ଛାମୁରେ କୟିନ ଆପେକ୍ଷା ଉତ୍କୃଷ୍ଟତର ବଳି ଉତ୍ସର୍ଗ କଲେ ଓ ତଦ୍ୱାରା ସେ ଧାର୍ମିକ ବୋଲି ସାକ୍ଷ୍ୟ ପାଇଲେ...."। (ଏବ୍ରୀ ୧୧:୪)

୧) **ହେବଲଙ୍କ କର୍ମ, ବିଶ୍ୱାସଯୁକ୍ତ ଥିଲା:-** ବିଶ୍ୱାସ ଦ୍ୱାରା ସେ କୟିନଙ୍କ ଠାରୁ ଶ୍ରେଷ୍ଠତର ବଳି ଉତ୍ସର୍ଗ କରିଥିଲେ। ହେବଲ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରିଥିଲେ। ଶ୍ରବଣରୁ ବିଶ୍ୱାସ ଜାତ ହୁଏ। (ରୋମୀୟ ୧୦:୧୭)। ବିଶ୍ୱାସ ଦ୍ୱାରା ହେବଲଙ୍କ ଉତ୍ସର୍ଗୀକୃତ ବଳି ପରମେଶ୍ୱର ଗ୍ରହଣ କରିଥିଲେ। (ଆଦି ୪:୪) ଆମ୍ଭମାନଙ୍କ ଆରାଧନା ବିଶ୍ୱାସଯୁକ୍ତ ହେଉ।

୨) ସେ ପରମେଶ୍ୱରଙ୍କ ଆଜ୍ଞାପାଳନ କରିଥିଲେ:- ହେବଲ ବିଶ୍ୱାସ ଦ୍ୱାରା ସଦାପ୍ରଭୁଙ୍କ ବାକ୍ୟର ଆଜ୍ଞାବହ ହୋଇ "ଧାର୍ମିକ" ବୋଲି ସାକ୍ଷ୍ୟ ପାଇଥିଲେ। ତାହାଙ୍କ ବଳି ସଦାପ୍ରଭୁ ଗ୍ରହଣ କରି, ତାହାଙ୍କୁ ଧାର୍ମିକ ରୂପେ ପ୍ରମାଣିତ କରିଥିଲେ।

୩) **ତାହାଙ୍କ ବଳି ବିଷୟରେ ସଦାପ୍ରଭୁ ସାକ୍ଷ୍ୟ ଦେଇଥିଲେ:-** ଅର୍ଥାତ୍ ସଦାପ୍ରଭୁ ତାହାଙ୍କ ବଳି ବିଷୟରେ ଉତ୍ତମ ବିଷୟ କହିଥିଲେ। ତାହାଙ୍କ ଜୀବନ, ତାହାଙ୍କ ବଳି ସଦାପ୍ରଭୁ ଗ୍ରାହ୍ୟ କରିଥିଲେ। ତାହା ଆମ୍ଭମାନଙ୍କ ଜୀବନ ଆମ୍ଭମାନଙ୍କ ନିମନ୍ତେ ସୁଆଦର୍ଶ।

୪)	ସେ ମୃତ ହେଲେ ହେଁ ବିଶ୍ୱାସ ଦ୍ୱାରା ଆଜି ପର୍ଯ୍ୟନ୍ତ କଥା କହୁଅଛନ୍ତି:- ଅନେକ ଶତାବ୍ଦୀ ପୂର୍ବେ ହେବଲ ମୃତ୍ୟୁ ଭୋଗିଲେ ହେଁ, ସେ ଆପଣା ବିଶ୍ୱାସରେ କୃତ କର୍ମ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି । ସେ ଆମ୍ଭମାନଙ୍କ ସହିତ କଅଣ କଥା କହୁଅଛନ୍ତି ? ଆମ୍ଭମାନଙ୍କ ସକଳ କାର୍ଯ୍ୟ ତାହାଙ୍କ ବାକ୍ୟାନୁସାରେ କଲେ, ତାହାଙ୍କ ଗ୍ରାହ୍ୟଯୋଗ୍ୟ ଅଟେ । ଆଗାମୀ ଯୁଗରେ, ମନୁଷ୍ୟମାନଙ୍କୁ ଆମ୍ଭେମାନେ କିପରି ଆଦର୍ଶ ଦେଖାଉ ଅଛୁ । ଆମ୍ଭମାନଙ୍କ କେଉଁ କାର୍ଯ୍ୟ ଦ୍ୱାରା ଆମ୍ଭେମାନେ ମୃତ ହେଲେ ହେଁ ମନୁଷ୍ୟମାନଙ୍କ ସହ କଥା କହିପାରିବା ?

କବି Henery Longfellowଙ୍କ ଭାଷାରେ

"Lives of greatmen still remind us,
we can make our lives sublime.
And departing leave behind us.
Foot prints in the sand of time.

***- Max Patterson***

❋ ❋ ❋

# ଅବ୍ରାହାମ
## (Abraham)

ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ମନୁଷ୍ୟମାନଙ୍କ ପରିତ୍ରାଣର ଐଶ୍ୱରିକ ଯୋଜନା ପ୍ରକଟ କରିବା ହିଁ ଧର୍ମଶାସ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ । ଧର୍ମଶାସ୍ତ୍ର ବାଇବଲର ସମସ୍ତ ବାକ୍ୟ ଓ ଉଦ୍ଦେଶ୍ୟ ବୁଝିବା ନିମନ୍ତେ ସର୍ବପ୍ରଥମେ ବାଇବଲର ପ୍ରଥମ ପୁସ୍ତକ ''ଆଦି ପୁସ୍ତକ'' ବୁଝିବା ଆବଶ୍ୟକ ।

ଅବ୍ରାହାମ ଏକ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ । ସେ ଆଦମଙ୍କ ପୁତ୍ର ଶେଥ ଓ ନୋହଙ୍କ ପୁତ୍ର ଶେମଙ୍କ ବଂଶଧର । ସଦାପ୍ରଭୁଙ୍କ ମନୋନୀତ ଅବ୍ରାହାମ, ଜଗତର ମୁକ୍ତିକର୍ତ୍ତା ବଂଶର ଆଦିପିତା ଅଟନ୍ତି । ଏକ ଜାତି ଯାହା ଅନ୍ୟ ଜାତିମାନଙ୍କ ଠାରୁ ପୃଥକୀକୃତ ମନୋନୀତ ଏହି ଜାତି ଦ୍ୱାରା ପ୍ରତିଜ୍ଞାତ ମଶୀହ 'ସ୍ତ୍ରୀ'ର ପୁତ୍ରଙ୍କ ଆବିର୍ଭାବ ହେବା ପରମେଶ୍ୱରଙ୍କ ଦୈବିକ ଯୋଜନା ଥିଲା ।

ଅବ୍ରାହାମ ବିଶ୍ୱାସର ପିତା ଅଟନ୍ତି,''ଯେପରି ଅବ୍ରାହାମ ଈଶ୍ୱରଙ୍କୁ ବିଶ୍ୱାସ କଲେ, ଆଉ ତାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା, ଅତଏବ ଯେଉଁମାନେ ବିଶ୍ୱାସୀ ସେମାନେ ଅବ୍ରାହାମଙ୍କ ସନ୍ତାନ । ଆଉ, ଈଶ୍ୱର ବିଜାତିମାନଙ୍କୁ ବିଶ୍ୱାସ ହେତୁ ଧାର୍ମିକ ଗଣନା କରିବେ, ଏହା ଧର୍ମଶାସ୍ତ୍ର ପୂର୍ବରୁ ଦେଖି ଅବ୍ରାହମଙ୍କ ନିକଟରେ ସୁସମାଚାର ପ୍ରଚାର କରି କହିଲା, ''ତୁମ୍ଭ ଦେଇ ସମସ୍ତ ଜାତି ଆଶୀର୍ବାଦ ପ୍ରାପ୍ତ ହେବେ, ଏଣୁ ଯେଉଁମାନେ ବିଶ୍ୱାସୀ ସେମାନେ ବିଶ୍ୱାସୀ ଅବ୍ରାହାମଙ୍କ ସହିତ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି ।'' (ଗାଲାତୀ ୩୬:୬-୯)

ବିଶ୍ୱାସ ଦ୍ୱାରା ଆମ୍ଭେମାନେ ଐଶ୍ୱରିକ ଅନୁଗ୍ରହର ଅନୁଭବ କରୁ । ବିଶ୍ୱାସ ଦ୍ୱାରା ପରିତ୍ରାଣ ଦାତାଙ୍କ ପରିତ୍ରାଣର ଯୋଜନା ଆମ୍ଭମାନଙ୍କ ଜୀବନରେ କାର୍ଯ୍ୟକାରୀ ହୁଏ । ବିଶ୍ୱାସ ଦ୍ୱାରା ଧାର୍ମିକ ଯୀଶୁଙ୍କ ଅଧାର୍ମିକତା ଆମ୍ଭେମାନେ ପ୍ରାପ୍ତ ହେଉ । ବିଶ୍ୱାସ ଦ୍ୱାରା ହିଁ ଆମ୍ଭେମାନେ ଧାର୍ମିକ ଗଣିତ ହୋଇପାରୁ । ଅବ୍ରାହାମଙ୍କ ଆଦର୍ଶ ଅନୁସରଣ କରି, ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ଧାର୍ମିକ ଗଣିତ ହେଉ ।

''ଯୀଶୁଖ୍ରୀଷ୍ଟଙ୍କ ହେତୁ ଅବ୍ରାହାମଙ୍କର ଆଶୀର୍ବାଦ ଯେପରି ବିଜାତିମାନଙ୍କ ପ୍ରତି ବର୍ତ୍ତେ, ପୁଣି ଆମ୍ଭେମାନେ ଯେପରି ବିଶ୍ୱାସ ହେତୁ ପ୍ରତିଜ୍ଞାତ ଆତ୍ମା ପ୍ରାପ୍ତ ହେଉ । ...କିନ୍ତୁ ଏବେ ସେହି ବିଶ୍ୱାସ ଉପସ୍ଥିତ ହେଲା ପରେ ଆମ୍ଭେମାନେ ଆଉ ସେହି ଶିକ୍ଷକର ଅଧୀନରେ ନାହୁଁ । କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ । ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ । ଯିହୂଦୀ କି ଗ୍ରୀକ୍, ଦାସ କି ସ୍ୱାଧୀନ, ପୁରୁଷ କି ସ୍ତ୍ରୀ, ତୁମ୍ଭମାନଙ୍କ ମଧ୍ୟରେ କିଛି ହିଁ ପ୍ରଭେଦ ନାହିଁ । କାରଣ ଖ୍ରୀଷ୍ଟଯୀଶୁଙ୍କ ଠାରେ ତୁମ୍ଭେମାନେ ଏକ, ଆଉ ଯଦି ତୁମ୍ଭେମାନେ ଖ୍ରୀଷ୍ଟଙ୍କର ତୁମ୍ଭେମାନେ ତ ଅବ୍ରାହାମଙ୍କ ବଂଶ, ପ୍ରତିଜ୍ଞା ଅନୁସାରେ ଉତ୍ତରାଧିକାରୀ ।'' (ଗାଲାତୀ ୩:୧୩, ୨୪-୨୯, ରୋମୀୟ ୪:୧-୨୫)

ଅବ୍ରାହାମଙ୍କ ଆହ୍ୱାନ ଚାରୋଟି ବିଷୟ ସୁଚାଏ:-

୧) ତାହାଙ୍କୁ ଆପଣା ଦେଶ ପରିତ୍ୟାଗ କରିବା ଆବଶ୍ୟକ ଥିଲା ।

୨) ଉତ୍ତମତର ଦେଶ ସଦାପ୍ରଭୁ ତାହାଙ୍କୁ ପ୍ରତିଜ୍ଞା କରିଥିଲେ ।

୩) ଏକ ମହାନ୍ ବୀଜ ତାହାଙ୍କ ଦ୍ୱାରା ଉତ୍ପନ୍ନ ହେବେ ବୋଲି ସେ ପ୍ରତିଜ୍ଞାତ ହୋଇଥିଲେ ।

୪) ତାହାଙ୍କ ଦ୍ୱାରା (ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା) ପ୍ରତ୍ୟେକ ଜାତି ଆଶୀର୍ବାଦ ପ୍ରାପ୍ତ ହେବେ ।

ପରମେଶ୍ୱରଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରି ଅବ୍ରାହାମ ତାହାଙ୍କ ଆଜ୍ଞାପାଳନ କରିଥିଲେ । ସେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରି ଏକ ଅଜ୍ଞାତ ଦେଶକୁ ପ୍ରସ୍ଥାନ କରିବା ନିମନ୍ତେ ଆପଣା ଦେଶ ପରିତ୍ୟାଗ କରିଥିଲେ ।

ଅବ୍ରାହାମ ଆପଣା ଦେଶ, ବନ୍ଧୁବାନ୍ଧବ ପରିତ୍ୟାଗ କରି ଏକ ଅଜ୍ଞାତ ଦେଶକୁ ପ୍ରସ୍ଥାନ କଲେ । ପରମେଶ୍ୱରଙ୍କ ପ୍ରତିଜ୍ଞାନୁଯାୟୀ ସେ କିଣାନ ଦେଶରେ ଉପସ୍ଥିତ ହେଲେ । ପରମେଶ୍ୱର, ଅବ୍ରାହାମ ସହ ଏକ ନିୟମ ସ୍ଥାପନ କରିଥିଲେ । ତାହାଙ୍କ ସନ୍ତାନ ଦ୍ୱାରା ସମସ୍ତ ଗୋଷ୍ଠୀ ଆଶୀର୍ବାଦ ପ୍ରାପ୍ତ ହେବେ ବୋଲି ପରମେଶ୍ୱର ପ୍ରତିଜ୍ଞା କରିଥିଲେ । ଅବ୍ରାହାମଙ୍କ ସନ୍ତାନ ଇସ୍‌ହାକଙ୍କ ବଂଶରେ ପ୍ରତିଜ୍ଞାତ ପରିତ୍ରାଣକର୍ତ୍ତା ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ପରମେଶ୍ୱରଙ୍କ ଦୃଷ୍ଟିରେ ଅବ୍ରାହାମ ଧାର୍ମିକ ଗଣିତ ହେଲେ । ବର୍ତ୍ତମାନ ମନୁଷ୍ୟମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ଆଜ୍ଞାବହ ହୋଇ ଧାର୍ମିକ ଗଣିତ ହୁଅନ୍ତି ।

''ବିଶ୍ୱାସ ଦ୍ୱାରା ଅବ୍ରାହାମ ଆହ୍ୱାନ ପ୍ରାପ୍ତ ହୁଅନ୍ତେ, ଯେଉଁ ଦେଶ ସେ ଅଧିକାର ସ୍ୱରୂପ ପାଇବାକୁ ଯାଉଥିଲେ, ଆଜ୍ଞାବହ ହୋଇ ସେଠାକୁ ବାହାରିଗଲେ, ପୁଣି ସେ କେଉଁଠାକୁ ଯାଉଛନ୍ତି, ତାହା ନ ଜାଣି ସୁଦ୍ଧା ବାହାରିଗଲେ ।'' (ଏବ୍ରୀ ୧୧:୮) ''ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ । (ଏବ୍ରୀ ୧୧:୬)

''ଅତଏବ, ତୁମ୍ଭମାନଙ୍କ ସାହସ ପରିତ୍ୟାଗ କର ନାହିଁ, ସେଥିରେ ମହା ପୁରସ୍କାର ଅଛି । ଯେଣୁ ତୁମ୍ଭେମାନେ ଯେପରି ଈଶ୍ୱରଙ୍କ ଇଚ୍ଛା ସାଧନ କରି ପ୍ରତିଜ୍ଞାର ଫଳ ପ୍ରାପ୍ତ ହୋଇପାର, ଏଥି ନିମନ୍ତେ ତୁମ୍ଭମାନଙ୍କର ଧୈର୍ଯ୍ୟଶୀଳ ହେବା ପ୍ରୟୋଜନ । କାରଣ ଆଉ ଅତ୍ୟଳ୍ପ ସମୟ ମାତ୍ର, ଯାହାଙ୍କ ଆଗମନ କରିବାର ଅଛି, ସେ ଆଗମନ କରିବେ ଓ ବିଳମ୍ବ କରିବେ ନାହିଁ । ଆମ୍ଭର ଧାର୍ମିକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ବଞ୍ଚିବ, କିନ୍ତୁ ଯଦି କେହି ପଶ୍ଚାତ୍‌ପଦ ହୁଏ, ତାହାହେଲେ ଆମ୍ଭର ଆତ୍ମା ତାହାଠାରେ ସନ୍ତୁଷ୍ଟ ନୁହେଁ । ମାତ୍ର ଯେଉଁମାନେ ବିନାଶ ନିମନ୍ତେ ପଶ୍ଚାତ୍‌ପଦ ହୁଅନ୍ତି, ଆମ୍ଭେମାନେ ସେମାନଙ୍କ ଦଳର ଲୋକ ନୋହୁଁ, କିନ୍ତୁ ଯେଉଁମାନେ ଆତ୍ମାର ପରିତ୍ରାଣ ନିମନ୍ତେ ବିଶ୍ୱାସ କରନ୍ତି, ଆମ୍ଭେମାନେ ସେମାନଙ୍କ ଦଳର ଲୋକ ଅଟୁ ।'' (ଏବ୍ରୀ ୧୦:୩୪-୩୯)

**- *Hans J.Dedercheck***

# ସାରା

## (Sarah, wife of the World's most Honoured man)

ଅବ୍ରାହାମ ଏହି ଜଗତର ସର୍ବୋନ୍ନତ ସମ୍ମାନର ଅଧିକାରୀ, ସେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରୁ ଉନ୍ନତ ବ୍ୟକ୍ତି ବୋଲି ଏହାର ଭାବ ନୁହେଁ । ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ଗ୍ରହଣ ନ କରିବା ଅନେକ ଗୋଷ୍ଠୀ, ଅବ୍ରାହାମଙ୍କୁ ଆପଣା ଆଦି ପିତା ରୂପେ ସ୍ୱୀକାର କରନ୍ତି । ଖ୍ରୀଷ୍ଟିୟାନ ଯିହୂଦୀ ଓ ମୁସଲମାନ ମତବଲମ୍ବୀମାନେ ଆଦି ପିତା ଅବ୍ରାହାମଙ୍କର ସମ୍ମାନ କରନ୍ତି । ଖ୍ରୀଷ୍ଟିୟାନମାନେ (ଗାଲାତୀ ୩:୨୯), ଯିହୂଦୀମାନେ ଓ ମୁସଲମାନମାନେ ଅବ୍ରାହାମଙ୍କୁ ଆପଣା ଆଦି ପିତା ରୂପେ ସମ୍ମାନ କରନ୍ତି । ତେଣୁକରି କାଳ କାଳରୁ ସମ୍ମାନିତ ବ୍ୟକ୍ତି ଅବ୍ରାହାମ । ସେହିପରି ସମ୍ମାନିତ ବ୍ୟକ୍ତିଙ୍କ ଭାର୍ଯ୍ୟା ସାରା ।

ପ୍ରତିମା ପୂଜାରେ ପରିପୂର୍ଣ୍ଣ କଲଦୀୟମାନଙ୍କୁ ଉର ନାମକ ନଗରରେ ଅବ୍ରାହାମ ଓ ସାରା ନିବାସୀ । ଅବ୍ରାହାମଙ୍କ ପିତା ତେରହ ମୂର୍ତ୍ତି ପୂଜକ ହେଲେ ସୁଦ୍ଧା, ଅବ୍ରାହାମ ଜୀବିତ ପରମେଶ୍ୱରଙ୍କ ଭକ୍ତ ଥିଲେ । ତେଣୁ କରି ସଦାପ୍ରଭୁ ପରମେଶ୍ୱର ସେହି ଉର ନଗର ପରିତ୍ୟାଗ କରି ସେ ଯେଉଁ ଦେଶ ତାହାଙ୍କୁ ଦେଖାଇଲେ ସେହି ଦେଶକୁ ଯିବା ନିମନ୍ତେ ଆଦେଶ ଦେଲେ । (ଆଦି ୧୨:୧-୩) ଆପଣା ଦେଶ ଜ୍ଞାତି କୁଟୁମ୍ବ ଓ ପୈତୃକ ଗୃହ ପରିତ୍ୟାଗ କରି ଅଜଣା ଓ ଅଦେଖା ଦେଶକୁ ଯିବା ନିମନ୍ତେ ସାରା ଇଚ୍ଛୁକ ହେଲେ । ତାହାଙ୍କର ଏହି ବିଶ୍ୱାସ ଓ ଆଜ୍ଞାବହତାର ଗୁଣ ହେତୁ ସ୍ତ୍ରୀମାନଙ୍କ ମଧ୍ୟରେ ପ୍ରଥମ ବିଶ୍ୱାସିନୀ ସ୍ତ୍ରୀ ରୂପେ ଉଲ୍ଲେଖିତ ହୋଇଅଛନ୍ତି । ଆଦି ମାତା ହବାଙ୍କ ସଦୃଶ୍ୟ, ସାରା ଈଶ୍ୱରଙ୍କ ଆଜ୍ଞା ଅବଜ୍ଞା କରି ନଥିଲେ କିମ୍ବା ଆପଣା ସ୍ୱାମୀଙ୍କୁ ଅବଜ୍ଞା କରିବା ନିମନ୍ତେ ଉତ୍ସାହିତ କରି ନ ଥିଲେ । କିଅବା ଆୟୁବ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ବେଳେ ତାହାଙ୍କ ସ୍ତ୍ରୀ ତାହାଙ୍କୁ ନିରୁତ୍ସାହିତ କରିବା ପରି ସାରା ଅବ୍ରାହମଙ୍କୁ ନିରୁତ୍ସାହିତ କରି ନ ଥିଲେ । ଏବ୍ରୀ ପତ୍ରକର୍ତ୍ତା ଏପରି ଲେଖନ୍ତି, ବିଶ୍ୱାସ ଦ୍ୱାରା ସାରା ନିଜେ ମଧ୍ୟ ଆଦିମାତା ହେବାକୁ ଶକ୍ତି ପ୍ରାପ୍ତ ହେଲେ । (ଏବ୍ରୀ ୧୧:୧୧)

ବିଶ୍ୱାସର ଅର୍ଥ କଅଣ ? - ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ

ବାକ୍ୟ ଦ୍ୱାରା ହୁଏ । (ରୋମୀୟ ୧୦:୧୭) ତେଣୁକରି ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି ତାହାର ଆଜ୍ଞାବହ ହେବା ବିଶ୍ୱାସୀ ବୋଲି ଜାଣିପାରିଲୁ । ତାହାଙ୍କ ପ୍ରତିଜ୍ଞା ସବୁ ହୃଦୟ ପୂର୍ବକ ବିଶ୍ୱାସ କରିବା ଦ୍ୱାରା ଆମ୍ଭେମାନେ ଶାନ୍ତି ଓ ଭରସା ପାଇପାରୁ । କେବଳ ଈଶ୍ୱରଙ୍କ ଠାରେ ବିଶ୍ୱାସ ଯଥେଷ୍ଟ ନୁହେଁ, ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଆମ୍ଭେମାନେ ବିଶ୍ୱାସ କରିବା ଆବଶ୍ୟକ (ଯୋହନ ୮:୨୪) । ଅବ୍ରାହାମ ଓ ସାରା ମୂର୍ତ୍ତିପୂଜାରେ ପରିପୂର୍ଣ୍ଣ ଦେଶ ଠାରୁ ଈଶ୍ୱର ଦେଖାଉଥିବା ଦେଶକୁ ବିଶ୍ୱାସରେ ଆଜ୍ଞାବହ ହୋଇ ପ୍ରସ୍ଥାନ କରିବା ନିମନ୍ତେ ପ୍ରସ୍ତୁତ ହେଲେ (୨ୟ କରିନ୍ଥୀ ୧୭:୧୮) ନୂତନ ନିୟମରେ ସାରାଙ୍କର ଦୁଇଟି ଗୁଣ ଉପରେ ବିଶେଷ ପ୍ରାଧାନ୍ୟତା ଦିଆଯାଇଅଛି । ଯଥା:- ସାରାଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ଦ୍ୱିତୀୟରେ ତାହାଙ୍କ ସ୍ୱାମୀ ଅବ୍ରାହାମଙ୍କ ବଶୀଭୂତା । ଯେପରି ଲେଖାଯାଏ, ''ସେହିପରି ହେ ଭାର୍ଯ୍ୟାମାନେ ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ...କାରଣ ପୂର୍ବ କାଳରେ ସ୍ୱାଧ୍ୱୀ ସ୍ତ୍ରୀମାନେ ମଧ୍ୟ ଈଶ୍ୱରଙ୍କ ଠାରେ ଭରସା ରଖି ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୋଇ ଏହି ପ୍ରକାର ଆପଣା ଆପଣାକୁ ଭୂଷିତା କରିଥିଲେ । ସେହିପରି ସାରା ଅବ୍ରାହାମଙ୍କୁ ପ୍ରଭୁ ବୋଲି କହି ତାହାଙ୍କର ଆଜ୍ଞାବହ ହେଲେ, ତୁମ୍ଭେମାନେ ଯଦି କୌଣସି ଭୟରେ ଭୀତ ନ ହୋଇ ସଦାଚରଣ କର, ତେବେ ତୁମ୍ଭେମାନେ ହିଁ ତାହାଙ୍କର ସନ୍ତାନ ।'' (୧ମ ପିତର ୩:୧-୬) । ସ୍ୱାମୀ ଉପରେ ଆଧିପତ୍ୟ କରିବା ନିମନ୍ତେ ସ୍ତ୍ରୀ ସୃଷ୍ଟି ନ ହୋଇ, ତାହାଙ୍କ ସାହାଯ୍ୟକାରୀ ସାଥି ହେବା ନିମନ୍ତେ ସ୍ତ୍ରୀ ସୃଷ୍ଟି ହୋଇଅଛି ।

ସାରା ବିଶ୍ୱାସିନୀ ସ୍ତ୍ରୀ ହେଲେ ହେଁ, ସମ୍ପୂର୍ଣ୍ଣ ସିଦ୍ଧତା ପ୍ରାପ୍ତ ହୋଇ ନ ଥିଲେ । ଦୁର୍ଭିକ୍ଷର ଭାର ଅତିଶୟ ହେବା ବେଳେ ସେମାନଙ୍କୁ ମିସର ଦେଶକୁ ଯିବାକୁ ପଡ଼ିଲା । ମିସର ଦେଶରେ ପ୍ରବେଶ କରିବାକୁ ଉଦ୍ୟତ ହୁଅନ୍ତେ ଅବ୍ରାହାମ ଆପଣା ଭାର୍ଯ୍ୟା ସାରାଙ୍କୁ କହିଲେ, ''ଶୁଣ, ତୁମ୍ଭେ ଦେଖିବାକୁ ସୁନ୍ଦରୀ, ତାହା ମୁଁ ଜାଣେ, ତେଣୁକରି ମିସର ଦେଶୀୟ ଲୋକମାନେ ତୁମ୍ଭକୁ ଦେଖି ମୋହର ଭାର୍ଯ୍ୟା ବୋଲି ଜାଣିଲେ ମୋତେ ବଧ କରି ତୁମ୍ଭକୁ ଜୀବିତ ରଖିବେ । ଏହେତୁ ମୁଁ ବିନୟ କରୁଅଛି, ତୁମ୍ଭେ ମୋହର ଭଉଣୀ ଏହା କହିବ, ତହିଁରେ ତୁମ୍ଭ ସକାଶେ ମୋହର ମଙ୍ଗଳ ହେବ ଓ ତୁମ୍ଭ ହେତୁରୁ ମୋ ପ୍ରାଣ ରକ୍ଷା ପାଇବ ।'' (ଆଦି ୧୨:୧୦-୨୦) ଭୟ ସକାଶେ

ସେମାନେ ରାଜା ନିକଟରେ ମିଥ୍ୟା କହି ପାପ କଲେ । ଯୀଶୁଖ୍ରୀଷ୍ଟଙ୍କ କ୍ରୁଶୀୟ ମରଣ ପୂର୍ବରୁ ମଧ୍ୟ ତାହାଙ୍କ ଶିଷ୍ୟମାନେ ଅଳ୍ପକ୍ଷଣ ନିମନ୍ତେ ତାହାଙ୍କୁ ତ୍ୟାଗ କରି ଭୟରେ ପଳାୟନ କରିଥିଲେ । କିନ୍ତୁ କିଛି ସମୟ ପରେ ସାହାସ ଓ ଧୈର୍ଯ୍ୟ ସହକାରେ ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ ମରଣ ଭୋଗିବା ଶ୍ରେଷ୍ଠମୟ ବିଷୟ ବୋଲି ବୁଝିପାରିଲେ । ପୁତ୍ର ପ୍ରାପ୍ତିର ଆଶା ସାରାଙ୍କ ବିଶ୍ୱାସ ପୂର୍ବକ ଦୁର୍ବଳ କରିଥିଲେ । ସାରା ସୌନ୍ଦର୍ଯ୍ୟବତୀ, ଧନବତୀ, ପ୍ରଖ୍ୟାତ ବ୍ୟକ୍ତିଙ୍କର ସ୍ତ୍ରୀ ଓ ଆପଣା ସ୍ୱାମୀଙ୍କ ଦ୍ୱାରା ଆଦରଣୀୟ ହେଲେ ହେଁ, ବନ୍ଧ୍ୟା ହୋଇଥିବାରୁ ସେ ସୁଖୀ ନଥିଲେ । ଅବ୍ରାହାମଙ୍କ ସନ୍ତାନ ଲାଭର ଈଶ୍ୱରଙ୍କ ପ୍ରତିଜ୍ଞା ଥିଲେ ହେଁ, ସାରାଙ୍କ ବୃଦ୍ଧ ବୟସରେ ହେତୁ ଅବିଶ୍ୱାସରେ ହାଗାରଙ୍କୁ ଅବ୍ରାହାମଙ୍କ ସହିତ ବିବାହ କଲେ । ଏହି ହାଗାର ଏକ ମିସ୍ରିୟ ଦେଶବାସୀ ଓ ତାହାର ଦ୍ୱାରା ସନ୍ତାନ ଲାଭ କରିପାରିବେ ବୋଲି ସାରା ଆଶା କଲେ । ହାଗର ଗର୍ଭବତୀ ହେବା ପରେ ସେ ସାରାଙ୍କୁ ତୁଚ୍ଛଜ୍ଞାନ କରିବାରୁ ସାରା ଓ ହାଗାର ମଧ୍ୟରେ ଘୋର ବିବାଦ ଘଟିଲା ଓ ଇଶ୍ରାଏଲ ପ୍ରାନ୍ତରକୁ ପଳାଇଲେ (ଆଦି ୧୬:୧-୬) । ତିନୋଟି ଦେବଦୂତ ଆସି ସାରାଙ୍କ ଦ୍ୱାରା ଅବ୍ରାହାମଙ୍କର ସନ୍ତାନ ପ୍ରାପ୍ତ ବୋଲି କହିବାରୁ ସାରା, ବିଶ୍ୱାସ ନ କରି ସନ୍ଦେହ କଲେ । (ଆଦି ୧୮:୯-୧୫) ତାହାଙ୍କ ବୃଦ୍ଧ ବୟସ ହେତୁ ସେହି ପ୍ରତିଜ୍ଞା ଅବିଶ୍ୱାସ କରି ସନ୍ଦେହରେ ହସିଲେ । ଏହା ଈଶ୍ୱର ପ୍ରତିଜ୍ଞାର କେବଳ ଅବିଶ୍ୱାସ ମାତ୍ର ନୁହେଁ, କିନ୍ତୁ ପ୍ରତିଜ୍ଞାକାରୀ ପରମେଶ୍ୱରଙ୍କ ସମସ୍ତ ବିଷୟ ସାଧ୍ୟ ବୋଲି ସେ ଭୁଲିଯାଇଥିଲେ । ତେଣୁକରି ଦେବଦୂତ ସାରାଙ୍କ ପ୍ରତି କ୍ରୋଧ ହେଲେ । ସଦାପ୍ରଭୁ ପରମେଶ୍ୱରଙ୍କ ଅସାଧ୍ୟ କଅଣ ଅଛି ? ନିରୂପିତ ସମୟରେ ସାରା ଗର୍ଭବତୀ ହେଲେ ।

ଅବ୍ରାହାମ ଓ ସାରା ଅତିଥିପ୍ରିୟ ଥିଲେ । ସେମାନେ ଅଜ୍ଞାତସାରରେ ଦୂତମାନଙ୍କୁ ଆତିଥ୍ୟ ସତ୍କାର କରିଥିଲେ (ଏବ୍ରୀ ୧୩:୨) । କୁଣ୍ଠିତ ନହୋଇ ପରସ୍ପର ଆତିଥ୍ୟ କରିବା ନିମନ୍ତେ ପିତର ଉସାହିତ କରନ୍ତି ( ୧ମ ପିତର ୪:୯ ) । ସାଧୁମାନଙ୍କ ଅଭାବ ମୋଚନ କର, ଆତିଥ୍ୟ ସତ୍କାରରେ ବ୍ରତୀ ହୁଅ ବୋଲି ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି । (ରୋମୀୟ ୧୨:୧୩) ଅତିଥି ସତ୍କାରରେ ସ୍ତ୍ରୀର ପ୍ରଧାନ ଭାର ରହିଅଛି । ଏହି ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ ହେ ଆଜିର ଯୁଗର ଲୋକ ଏହି ଆଜ୍ଞା ଅବହେଳା କରୁଅଛନ୍ତି । ଅବ୍ରାହାମ ଓ ସାରା ଆପଣା ଆପଣା ବିଶ୍ୱାସ ଦ୍ୱାରା

ସଦାପ୍ରଭୁଙ୍କ ଦ୍ୱାରା ଆଶୀର୍ବାଦିତ ହୋଇ ଆଶୀର୍ବାଦର ଆସାର ହୋଇଥିଲେ ।

ସାରା ଇସହାକ୍‌ଙ୍କୁ ଜନ୍ମ ଦେଇ ଅତି ଉନ୍ନତ ସମ୍ମାନର ଅଧିକାରୀ ହୋଇପାରିଅଛନ୍ତି । ଇସହାକଙ୍କ ବଂଶରୁ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜନ୍ମିଲେ । ତାହାଙ୍କ ଦ୍ୱାରା ଏହି ଜଗତ ଆଶୀର୍ବାଦ ପ୍ରାପ୍ତ ହେଲା । ବୃଦ୍ଧ ବୟସ୍କମାନେ ମଧ୍ୟ ଈଶ୍ୱରଙ୍କ ପ୍ରିୟ । ଶଲୋମନଙ୍କ ଭାଷାରେ ପକ୍ୱକେଶ ଶୋଭାଜନକ ମୁକୁଟ, ତାହା ଧର୍ମ ପଥରେ ପ୍ରାପ୍ତ ହୁଏ । (ହିତ ୧୬:୩୧) ଇଲିହୂଦଙ୍କ ଅନୁଯାୟୀ ପ୍ରତ୍ୟେକ ବୃଦ୍ଧ ବୟସ୍କ ଓ ପକ୍ୱକେଶ ଈଶ୍ୱରଙ୍କ ପ୍ରିୟ ନୁହନ୍ତି । କିନ୍ତୁ ଯେଉଁମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି, ଈଶ୍ୱରଙ୍କ ପ୍ରିୟ ପାତ୍ର ଅଟନ୍ତି । କାଲେବ, ପଞ୍ଚାଅଶୀ ବର୍ଷୟ ବୟସ୍କ ବୃଦ୍ଧ ହେଲେ ହେଁ, ସଦାପ୍ରଭୁଙ୍କ ନିମନ୍ତେ ଯୁଦ୍ଧ କରିବା ନିମନ୍ତେ ଆଗେଇ ଆସିଥିଲେ । କାଲେବଙ୍କ ସଦୃଶ୍ୟ ସାହାସୀ, ସୁଦ୍ଧା, ଧୈର୍ଯ୍ୟବାନ ବ୍ୟକ୍ତିମାନଙ୍କୁ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଆବଶ୍ୟକ । ବୃଦ୍ଧ, ବୟସ୍କ ଲୋକେ ଜୀବନର ସବୁ ଖଟାମିଠା ଚାଖିଥିବେ, ତେଣୁ ଯୁବକ ବ୍ୟକ୍ତିମାନଙ୍କୁ ସେମାନେ ଠିକ୍ ପଥରେ ଚାଲିବା ନିମନ୍ତେ ଅନେକ ପ୍ରେରଣା ଦେଇ ପାରିବେ । ବୟୋବୃଦ୍ଧ ବ୍ୟକ୍ତିମାନଙ୍କ ଦ୍ୱାରା ଅନେକ ମଙ୍ଗଳ ସାଧନ ହେଉଅଛି । ଯୌବନାବସ୍ଥାରେ ମନୁଷ୍ୟର ଚଞ୍ଚଳ ମନ ଥାଏ, କିନ୍ତୁ ବୟସ ଅଧିକ ହେବା ସଙ୍ଗେ ସଙ୍ଗେ ସେହି ଚଞ୍ଚଳ ମନ ନଥାଏ । ତେଣୁକରି ଏହିପରି ବୟୋବୃଦ୍ଧ ଲୋକମାନଙ୍କୁ ଈଶ୍ୱର ଆପଣା କାର୍ଯ୍ୟ ନିମନ୍ତେ ଲୋଡ଼ାନ୍ତି, ଆବଶ୍ୟକ କରନ୍ତି ।

ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସିଲେ । ପ୍ରଥମ ବ୍ୟବସ୍ଥା ଅର୍ଥାତ୍ ମୋଶାଙ୍କ ବ୍ୟବସ୍ଥା ସଫଳ କରି ଦ୍ୱିତୀୟ ବ୍ୟବସ୍ଥା ଅର୍ଥାତ୍ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସ୍ଥାପନ କରି ପ୍ରଜାମାନଙ୍କୁ ଓ ମୂର୍ତ୍ତି ପୂଜକମାନଙ୍କ ନିମନ୍ତେ ଏକ ଶିକ୍ଷକ ରୂପେ ହୋଇଥିଲେ ।

ତତ୍‌କାଳୀନ ମୋଶାଙ୍କ ବ୍ୟବସ୍ଥା ଖ୍ରୀଷ୍ଟ କ୍ରୁଶୀୟ ମରଣ ଦ୍ୱାରା ଲୋପ ପାଇଲା । ଆମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ଅର୍ଥାତ୍ ନୂତନ ନିୟମରେ ଅଧିନ ଅଟୁ ।

***- Lottie Beth Hobbs***

# THE CLASSIFICATIONS OF ANGELS

## Introduction :

Let us note from the start that we should not exclude the category of "general angel". The Bible notes several classifications of angels.

## 1. CHERUBIM : (Singular in Hebrew is Cherub)

a. In what connection do we first read of these ? (Genesis 3:24).

b. Of what use were they made in the Tabernacle ? (Ex 25:17-20/26:1).

c. How were they described in Ezekiel 10:19-22 (1:5-14).

d. Why do the Cherubim have the reputation of guards ? (Ps. 80:1/ Gen 3:24).

## 2. SERAPHIM : (Hebrew for buming One)

a. Notice their appearance in Isaiah 6:1-2

b. What did the Seraphim do ? (Isaiah 6:3)

c. How did one qualify Isaiah to speak for the Lord ? (Isaiah 6:5-8)

## 3. ARCH - ANGEL

1. Michael : Hebrew for :Who is like God

a. How do we know Michael is an archangel ? (Jude 6-9)

b. Over whom does he have authority ? (Revelation 12:7)

c. What event will Michael herald ? (1 Thessaionians 4:16)

2. Gabriel : Hebrew for : Mighty one of God

a. What did Gabriel do in Daniel 8:16?

b. What was his mission in Luke 1:11-20 and 26-35

## 4. FALLEN ANGELS : (This is a classification added by myself)

a. Matthew 25:41

b. Jude 6

c. Revelation 12:9

## Conclusion :

We have seen this lesson, angels are used by God to serve his needs.

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)